# Akashvani, Sambalpur

## SAMBALPURI NEWS EVENING BULLETIN

## 14 June 2026-7.02- 7.12 pm.

---

୧- ଦେଶ୍‌ବାସୀଙ୍କର୍ ନିକେ ଗଲା ୧୨ ବଛ୍‌ରେ ଗୁଣାତ୍ମକ୍ ସ୍ୱାସ୍ଥ୍ୟସେବାକେ ସହଜ୍ ଆଉ ସୁଲଭ୍ ଦର୍‌ଥି ପୁହୁଁଚାଯାଇପାରିଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ଅନ୍ତର୍ଜାତୀୟ ଯୋଗଦିବସ୍ କାର୍ଯ୍ୟକ୍ରମ୍‌ଥି ଉତ୍ସାହ୍‌ନାକିର୍ ସହେତେ ଭାଗ୍ ନେବାର୍‌କେ ଆହ୍ୱାନ୍ ଦେଲେ କେନ୍ଦ୍ର ଆୟୁଷ୍ ମନ୍ତ୍ରୀ ।

୩- ଆଏଜ୍‌ଠାନୁ ମୁଲ୍ ହେଇଛେ ୩ ଦିନିଆ କୃଷିଭିତିକ୍ ଗଣପର୍ବ ରଜ ।

- ଶୁଭେଚ୍ଛା ଜନାଲେ ରାଷ୍ଟ୍ରପତି ।

ଆଉର୍

୪- ନନ୍ଦପଡ଼ାର୍ ପତର୍‌ପେଁଡ଼ି ସହେତେ ଆଉ କିଛି ସମିଆ ଉତ୍‌ରୁ ମୁଲ୍ ହେବା ସମ୍ବଲ୍‌ପୁରର୍ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ।

ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍‌

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍‌, ଗଲା ୧୨ ବଛର୍‌ ଭିତ୍‌ରେ ଦେଶେ ଗୁଣାତ୍ମକ୍‌ ସ୍ୱାସ୍ଥ୍ୟସେବାକେ ଅଏତ୍‌କା ସହଜ୍‌ ଆଉ ସୁଲଭ୍‌ ଦର୍‌ଥି ଦିଆଯାଇପାରିଛେ । ସାମାଜିକ୍‌ ଗଣମାଧ୍ୟମ୍‌ ପୋଷ୍ଟ୍‌ଥି ଶ୍ରୀ ମୋଦୀ କହିଛନ୍‌, ପୁର୍‌ଥିର୍‌ ଇ ସବୁନୁ ବଡ଼୍‌ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ୍‌ ଆୟୁଷ୍ମାନ୍‌ ଭାରତ୍‌ ଜରିଏ ସମାଜ୍‌ର ଦୁର୍ବଲ୍‌ ଶ୍ରେଣୀର୍‌ ମାନ୍‌କର୍‌ ପାଶେ ଗୁଣାତ୍ମକ୍‌ ସ୍ୱାସ୍ଥ୍ୟସେବା ପୁହୁଁଚାବାର୍‌ଟା ବହୁତ୍‌ ଗର୍ବର୍‌ ବିଷେ ଆଏ । ଶ୍ରୀ ମୋଦୀ କହିଛନ୍‌, ଭାରତୀୟ ଜନଔଷଧୀ ପରିଯୋଜ୍‌ନା ପଦକ୍ଷେପ୍‌ ଉଷୋକଷାର୍‌ ଦର୍‌କେ କମ୍‌ କରିଛେ । ଡାକ୍ତରୀ ଶିକ୍ଷା, ପ୍ରତିଷ୍ଠାନ୍‌ ଆଉ ଛାତ୍ରଛାତ୍ରୀମାନ୍‌କୁ ସିଟ୍‌ ମିଲ୍‌ବାର୍‌ନୁ ଚିକିତ୍ସା ଶିକ୍ଷା ଭିଲ୍‌ ଅଏତ୍‌କା ସହଜ୍‌ ଆଉ ସୁଲଭ୍‌ ହେଇପାରିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍‌ । ସୁସ୍ଥ ଭାରତ୍‌ ଗଠନ୍‌ ଲାଗି ସର୍‌କାର୍‌ ନିରନ୍ତର୍‌ ଚେରେଷ୍ଟା ଜାରି ରଖିବେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍‌ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍‌ ପ୍ରକାଶ୍‌ ନଡ୍ଡା କହିଛନ୍‌, ପ୍ରଧାନ୍‌ମନ୍ତ୍ରୀଙ୍କର୍‌ ନେତୃତ୍ୱଥି ଗଲା ୧୨ ବଛ୍‌ରେ ଦେଶର୍‌ ସ୍ୱାସ୍ଥ୍ୟସେବା କ୍ଷେତ୍ରଥି ଉଲ୍ଲେଖନୀୟ ପରିବର୍ତ୍ତନ୍‌ ଆସିଛେ । ସୁସ୍ଥ ନାଗରିକ୍‌ ସମୃଦ୍ଧ ଦେଶ୍‌ ଗଠନ୍‌ଥି ଭିଲ୍‌ ଇଟା ସାହାଜ୍‌

କର୍‌ବା । ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶ୍ରୀ ନଡ୍ଡା କହିଛନ୍, ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା ଆଉ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍ ଗୁଣାତ୍ମକ୍ ସ୍ୱାସ୍ଥ୍ୟସେବା ଦେବାର୍ ଦିଗେ ବହୁତ୍ ବଡ଼ ଭୂମିକା ତୁଲେଇଛେ । ଦେଶର୍ ତୃଣମୂଲ୍‌ସ୍ତର୍ ନ ଗୁଣାତ୍ମକ୍ ଶିକ୍ଷା ପୁହୁଁଚାବାର୍‌ଥି ଇଟା ବହୁତ୍ ଉପଯୋଗୀ ହେଇପାରିଛେ ।

ଅନ୍‌ଲାଇନ୍ ଯୋଗ ଅଧିବେଶନ୍                ଆର୍‌ଏନ୍‌ୟୁ/ କଟକ୍

ଅନ୍ତର୍ଜାତୀୟ ଯୋଗ ଦିବସ୍ ପାଲନ୍ ଆଘୋନୁ ଆଏଜ୍ ଗୁଟେ ବିଶ୍ୱସ୍ତରୀୟ ଅନ୍‌ଲାଇନ୍ ଯୋଗ କାର୍ଯ୍ୟକ୍ରମ୍ ହେଇଯାଇଛେ । ଆୟୁଷ୍ ମନ୍ତ୍ରଣାଲୟ, ମୋରାର୍‌ଜୀ ଦେଶାଇ ନେସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୟୋଗା ଆଉ ହାବିଲ୍ଡର ସହଯୋଗ୍‌ଥି ହେଇଥିବା ଅନ୍‌ଲାଇନ୍ ଅଧିବେଶନ୍‌ଥି ଶହେ ୩୦ ନୁ ଅଏତ୍‌କା ଦେଶ୍ ଭାଗ୍ ନେଇଥିଲେ । କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି କେନ୍ଦ୍ର ଆୟୁଷ୍ ମନ୍ତ୍ରୀ ପ୍ରତାପ୍ ରାଓ ଯାଧବ୍ କହିଛନ୍, ଯୋଗାଭ୍ୟାସ୍ ଇହାଦେ ଗୁଟେ ବିଶ୍ୱସ୍ତରୀୟ ଜନଆନ୍ଦୋଳନ୍ ହେଇପାରିଛେ । ଜାତିସଂଘ ତର୍‌ଫୁ ଅନ୍ତର୍ଜାତୀୟ

ଯୋଗଦିବସ୍‌କେ ମାନ୍ୟତା ଦେବାର୍‌ଟା ଭାରତ୍ ଲାଗି ଗର୍ବର୍ ବିଷେ ଆଏ ବଲି ଶ୍ରୀ ଯାଧିବ କହିଛନ୍ । ସାର୍ବଜନୀନ ସ୍ୱାସ୍ଥ୍ୟ ଆଉ କଲ୍ୟାଣ୍‌କେ ତହଁକାବାର୍ ଲାଗି ଯୋଗର ବଢୁଥିବା ଲୋକପ୍ରିୟତାକେ ପ୍ରତିଫଲନ୍ କରୁଛେ । ଦୈନନ୍ଦିନ୍ ଜୀବନ୍‌ଥି ଯୋଗକେ ଗୁଟେ ଅଂଶ ହିସାବେ ନେବାର୍‌କେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯାଧବ୍ ସମ୍‌କୁ ଆହ୍ୱାନ୍ ଦେଇଛନ୍ । ଆଏବା ୨୧ ତାରିଖ୍ ହେବାର୍‌କେ ଥିବା ଅନ୍ତର୍ଜାତୀୟ ଯୋଗ ଦିବସ୍ କାର୍ଯ୍ୟକ୍ରମ୍‌ଥି ଉସ୍‌ନାକିର୍ ସହେତେ ଭାଗ୍ ନେବାର୍‌କେ କେନ୍ଦ୍ରମନ୍ତ୍ରୀ ସମ୍‌କୁ ଅନୁରୋଧ୍ କର୍‌ବାର୍ ସହେତେ 'ହର୍‌ଘର ଯୋଗ- ହର୍‌ଦିନ୍ ଯୋଗ'ର ସଂକଳ୍ପ କେ ଆଗ୍‌କେ ନେବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଯୋଗ କାର୍ଯ୍ୟକ୍ରମ୍        ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆଏଜ୍ କୋଣାର୍କ ସୂର୍ଯ୍ୟମନ୍ଦିର୍ ସାମ୍ନା ନ ହେଇଥିବା ଯୋଗ ଶିବିର୍‌ଥି ଅଂଶଗ୍ରହଣ୍ କରି କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଛନ୍ । ବିଶାଖାପାଟ୍‌ମ୍‌ର୍ ଓମ୍ ଯୋଗ୍ କେନ୍ଦ୍ର ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍

ଖୁସି ଜାହିର୍ କହିଛନ୍ । ଇ ଅବ୍ସରେ ରାଜ୍ୟପାଲ୍ ପେଟ୍ରୋଲ୍ ଆଉ ଡିଜେଲ୍ର ପ୍ରଦୂଷଣ୍ନୁ ମୁକ୍ତି ଲାଗି ସୌରଶକ୍ତି ନାହେତ ବେଟ୍ରୀ ଚାଲିତ୍ ଗାଡ଼ି ବେଭାର୍ କର୍ବାର୍କେ ଲୁକ୍କୁ ପରାମର୍ଶ ଦେଇଛନ୍ ।

ଭଡ଼ା ନିୟନ୍ତ୍ରଣ୍ ଅଧିନିୟମ ଆର୍ଏନ୍ୟୁ/ କଟକ୍

ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍ଫୁ ଓଡ଼ିଶା ସହରାଂଚଲ୍ ଭଡ଼ା ନିୟନ୍ତ୍ରଣ୍ ଅଧିନିୟମ୍ -୨୦୨୬ର ଚିଠା ନିୟମାବଲୀ ବାହାରିଛେ । ଘର୍ମାଲିକ୍ ଆଉ ଘରେ ଭଡ଼ା ରହୁଥିବା ଲୋକ୍ମାନ୍କର୍ ଭିତ୍ରେ ବହୁତ୍ ଦିନୁ ଥିବା ସମସ୍ୟାର୍ ସମାଧାନ୍ ଦିଗେ ଇ ଅଧିନିୟମ୍ ବହୁତ୍ ଗୁରୁତ୍ୱପୂର୍ଣ୍ଣ ହେବା ବଲି ଆଶ୍ କରାଯାଉଛେ । ଘର୍ଭଡ଼ା ବ୍ୟବସ୍ଥାଥି ସଂସ୍କାର୍ ଆନ୍ବାର୍ ଲାଗି ସର୍କାର୍ ଲିଖିତ୍ ଘର୍ଭଡ଼ା ଚୁକ୍ତିକେ ଚିଠା ନିୟମାବଲୀଥି ବାଧ୍ୟତାମୂଲକ୍ କରିଛନ୍ । ନିର୍ଦ୍ଦିଷ୍ଟ ନିୟମ୍ ଆଧାରିତ୍ ଭଡ଼ା ବଢ଼ାବାର୍ ଲାଗି ନିୟମାବଲୀଥି ଉଲ୍ଲେଖ୍ କରାଯାଇଛେ । ଇ ଚିଠା ନିୟମାବଲୀ ବାବ୍ଦେ ଲୁକ୍କର୍ନୁ ମତାମତ୍ ମଗାଯାଇଛେ । ଇଥିର୍ଲାଗି ୧୫

ଦିନ୍‌ର ସମିଆ ଧାରିଜ୍ କରାଯାଇଛେ । ଲୋକ୍‌ମାନେ ଇ-ମେଲ୍ ଜରିଏ ନଗର୍ ଉନ୍ନୟନ୍ ବିଭାଗ୍‌କେ ମତାମତ୍ ପଠେଇପାର୍‌ବେ । ନିୟମାବଳୀ ଅନ୍‌ସାରେ ଘଡ୍‌ଭଡ଼ା ବାବଦ୍ ଭିନ୍ ଭିନ୍ ବିବାଦ୍‌ର ସମାଧାନ୍ ଲାଗି ଟ୍ରିବ୍ୟୁନାଲ୍ ଆଉ ରେଂଟ୍‌କୋର୍ଟ ଗଠନ୍ ପ୍ରସ୍ତାବ୍ ରହିଛେ । ଆଏବା ଦିନେ ସବୁ ସହରାଂଚଲ୍ ନ ରେଂଟାଲ୍ ହାଉସ୍ ତିଆର୍ କରାଯିବା ବଲି ବିଭାଗୀୟ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ ।

(ଭଏସ୍ ଓଭର୍- ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର)

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି       ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍  ନ ଆଏବା କାଏଲ୍ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ସେଦିନ ସର୍‌କାରୀ ଛୁଟି ଦିନ୍ ପଡୁଥିବାର୍‌ନୁ ଇ ନିଷ୍ପତି ନିଆଯାଇଥିବାର୍ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଳିଛେ ।  ପରବର୍ତୀ ଅଭିଯୋଗ୍ ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ।

ରକ୍ତଦାତା ଦିବସ୍    ଆର୍‌ଏନ୍‌ୟୁ/ ସମ୍ବଲପୁର

ରକ୍ତଦାନ୍‌ର ମହତ୍ୱ ଆଉ ରକ୍ତଦାନ୍‌କେ ତହଁକାବାର୍ ଲାଗି ଆଏଜ୍ ବିଶ୍ୱ ରକ୍ତଦାତା ଦିବସ୍ ପାଲନ୍ କରାଯାଉଛେ । ବ୍ଲଡ୍ ଗ୍ରୁପ୍ ଆବିଷ୍କାର୍ କରିଥିବା ନୋବେଲ୍ ପୁରସ୍କାର୍ ବିଜେତା ବୈଜ୍ଞାନିକ୍ କାର୍ଲ୍ ଲ୍ୟାଣ୍ଡଷ୍ଟିନ୍‌ଙ୍କର୍ ଜନମ୍ ଦିନ୍‌କେ ସୋର୍ କରିକରି ଫି’ ବଛର୍ ଆଝିର୍ ଦିନ୍‌କେ ବିଶ୍ୱ ରକ୍ତଦାତା ଦିବସ୍ ଭାବେ ପାଲନ କରାଯାଏସି । ଇ ବଛର୍‌ର ଇ ଦିବସ୍‌ର ବାର୍ତା ହେଉଛେ “ମାନବତାର ଗୁଟେ ବୁନ୍ଦା : ରକ୍ତଦାନ୍ କରୁନ୍, ଜୀବନ୍ ବଁଚଉନ୍” ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୁଟେ ବାର୍ତାଥି ସ୍ୱେଛାକୃତ ଭାବେ ରକ୍ତଦାନ୍ କରିକରି ରକ୍ତର୍ ଆବଶ୍ୟକତାକେ ପୂରଣ୍ କର୍‌ବାର୍ ଲାଗି ଶପଥ୍ ନେବାର୍‌କେ ରାଜ୍ୟବାସୀଙ୍କୁ କହିଛନ୍ ।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଇ ଦିବସ୍ ଅବ୍‌ସରେ ଶୁଭେଛା ଜନାବାର୍ ସହେତେ ଓଡ଼ିଶା ନ ରକ୍ତ ଅଭାବ୍‌ନୁ କାହାରିର୍ ଜୀବନ୍ ହାନୀ ନାଇଁ ହେବାର୍ ଲାଗି ସଭେ ସଂକଳ୍ପ ନେବାର୍‌କେ ଆହ୍ୱାନ୍ ଦେଇଛନ୍ ।

## ରଜ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଏଜେ ଆଏଜ୍‌ଠାନୁ ୩ ଦିନିଆ କୃଷିଭିତିକ ରଜ ପର୍ବ ପାଲନ୍ ମୁଲ୍ ହେଇଛେ । ଆଏବାକାଏଲ୍ ରଜ ସଂକ୍ରାନ୍ତି ଆର୍ ତାର୍ ଆରଦିନ ଭୂମିଦହନ ପାଲନ୍ ହେବା । ଆଷାଢ଼ ମାସ୍ ମୁଲ୍ ନୁ ମୌସୁମୀ ଆଏସି । ଶୁଖା ଭୂଇଁ ନ ବର୍ଷା ପାଏନ୍ ପଡ଼୍‌ବାର୍ ଉତ୍‌ରୁ ମାଏଟ୍‌ର ପ୍ରଜନନ ଶକ୍ତି ବଢ଼୍‌ସି । ସେଥିର୍‌ଲାଗି ଇ ତିନ୍‌ହି ଦିନ ଜମି ଚାଷ୍ ଆର୍ ଅଲ୍‌ଗା ଚାଷ୍ କାମ୍ ନାଇଁ କରାଯାଏ । ପରମ୍ପରା ଅନ୍‌ସାରେ ଇ ତିନ୍‌ହି ଦିନ ବିଶ୍ରାମ ଆର୍ ମନୋରଞ୍ଜନ୍‌ର ସମିଆ ହେଇଥିବାର୍‌ନୁ ଗାଁନୁ ସହର୍ ତକ୍ ରଜ ପର୍ବ ପାଲନ୍ କରାଯାଉଛେ । ରଜଥି ଟୁକେଲ୍‌ମାନେ ନୂଆଁ କପ୍‌ଡ଼ା ଲତା ପିନ୍ଧିକରି ଦୁଲି ଝୁଲ୍‌ବାର୍ ପରମ୍ପରା ରହିଛେ । ଇ ଅବ୍‌ସରେ ପୋଡ଼ପିଠା ସହେତେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ ପାଲନ୍ କରାଯାଉଛେ । ରଜ ପର୍ବ ଉତ୍‌ରୁ ୪ ନମ୍ବର୍ ଦିନ ବସୁମତୀ ସ୍ନାନ କରାଯିବାର୍ ସହେତେ ରଜ ପର୍ବ ଶେଷ୍ ହେସି ।

ରଜ ପର୍ବ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ ଗଣମାଧମ୍‌ଥି ରାଷ୍ଟ୍ରପତି କହିଛନ୍, ବର୍ଷା ଋତୁ ଆସ୍‌ବାର୍‌ଥି ମାଟି ମା'କେ ସମ୍ମାନ୍ ଜନେଇକରି ପିଠା, ମିଠା, ଦୁଲି, ବାଗ୍‌ଡ଼ି ଖେଲ୍, ଆର୍ ପାନ୍‌ର ଆୟୋଜନ୍ ଭିତ୍‌ରେ କୃଷିଭିତିକ୍ ପର୍ବ ଓଡ଼ିଶାର୍ ସବୁଆଡ଼େ ପାଲନ୍ ୩ ଦିନ୍‌ତକ୍ ପାଲନ୍ କରାୟାଏସି ।

ଇଥିନୁ ଆମେ ପ୍ରକୃତି ସଙ୍ଗେ ମିଲିମିଶିକରି ଚଲ୍‌ବାର୍ ପ୍ରେରଣା ଗ୍ରହଣ୍ କର୍‌ବାର୍ ଉଚିତ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଜ୍ୟ ଆଉ ଦେଶ୍‌ବାସୀଙ୍କର୍ ସୁଖ ସମୃଦ୍ଧି କାମନା କରିଛନ୍ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ରଜ ପର୍ବ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଇ କୃଷିଭିତିକ ଗଣପର୍ବ ରାଜ୍ୟର୍ ସଂସ୍କୃତି, ପ୍ରକୃତି, ପ୍ରଗତି ଆଉ ପରମ୍ପରାର ପରିଚୟ ଆଏ ବଲି ରାଜ୍ୟପାଲ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରଜ ପର୍ବ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଇ ପର୍ବ ମାଟି ମାଆର୍ ମହତ୍ୱ, ମାତୃଶକ୍ତିର୍ ସମ୍ମାନ୍ ଆଉ କୃଷିଭିତିକ୍ ସଭ୍ୟତାକେ ପିଢ଼ି ପରେ ପିଢ଼ି ସମୃଦ୍ଧ କରିଆସିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇ ତିହାର୍ ଅବ୍‌ସରେ ଖୁସି ଜାହିର୍ କରିକରି କହିଛନ୍, ଇ ମହାନ୍ ଓଡ଼ିଆ ସଂସ୍କୃତିର୍ ପର୍ବ ପରମ୍ପରାକେ ବଜାୟ ରଖିବାର୍ ସହେତେ ସମ୍‌କର୍ ମନେ ଆଶା ଆଉ ଖୁସି ଆନିଦଉ ।

ଶୀତଲ୍‌ଷଷ୍ଠୀ ପତର୍‌ପେଁଡ଼ି ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁରର୍ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାଥି ଆଏଜ୍ ନନ୍ଦପଡ଼ାର୍ ବମ୍‌ବରାଡ଼୍ ବାଲୁଙ୍କେଶ୍ୱର ବାବାଙ୍କର୍ ପତର୍‌ପେଁଡ଼ି ନୀତି ହେଉଛେ । ଶଙ୍ଖ, ଘଂଟ, ଦୁଲ୍‌ଦୁଲି ଆଉ ଲୋକନାଚ୍ ଦଲ୍ ସାଙ୍ଗେ ନେଇକରି ବରପିତା, ସପ୍ତଋଷି ଆର୍ ପଡ଼ାର୍ ମୁରବୀ ମାନେ କନିଆ ଖୁଜ୍‌ବାର୍‌କେ ଶୋଭାଯାତ୍ରାଥି ବାହାରିଛନ୍ । ସେମାନେ କନ୍ୟାପିତାଙ୍କର୍ ଘରେ ପୁହୁଁଚିଲା ଉତ୍‌ରୁ ସପ୍ତଋଷି ଆର୍ ବରପିତା ଦେବଦେବ ମହାଦେବଙ୍କର୍ ଗୁଣଗାନ କର୍‌ବେ । ହେଲେ ଝି' ଘରେ ରାଜି ହେଲା ଉତ୍‌ରୁ ସର୍‌ଗିପତର୍ ପେଁଡ଼ା, ଫୁଲ୍ ଆଉ ବେଲ୍‌ପତର୍ ଦେଇକରି ପତର୍‌ପେଁଡ଼ି ନୀତି କର୍‌ବେ । ଇ ବାବ୍‌ଦେ

ନନ୍ଦପଡ଼ା ଶୀତଲ୍‌ଷଷ୍ଠୀ ଯାତ୍ରା କମିଟିର୍ କୋଷାଧ୍ୟକ୍ଷ ଭୂବନ ମୋହନ୍ ମିଶ୍ର କହିଛନ୍,

(ଭଏସ୍ ଓଭର୍-ଭୂବନ ମୋହନ୍ ମିଶ୍ର)

ସେନ୍ତା ଆଏବା କାଏଲ୍ ବାଲୁଙ୍କେଶ୍ୱର୍ ବାବାଙ୍କର୍ ବିହାଥି ଯୋଗ୍ ଦେବାର୍ ଲାଗି ନର୍‌ସିଂହ ମହାପୁରୁ ସହରର୍ ଦେ'ଦେବ୍‌ତାଙ୍କୁ ନିଉତା ଦେବେ । ମହାଦେବ୍ ଆର୍ ମାତା ପାର୍ବତୀଙ୍କର୍ ଇ ମାନବୀୟ ଲୀଳା ଦେଖିବାର୍‌କେ ହଜାର୍ ହଜାର୍ ଶ୍ରଦ୍ଧାଳୁଙ୍କର୍ ଭିଡ୍ ଲାଗିଛେ ।

ଆଏବା ୧୬ ତାରିଖ୍ ଝାଡୁଆପଡ଼ାର୍ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶୀତଲ୍‌ଷଷ୍ଠୀ ଯାତ୍ରା କମିଟି ତର୍‌ଫୁ ପତର୍‌ପେଁଡ଼ି ନୀତି ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟର୍ ସମୁଦ୍ରଖଁଡ଼ି ଇଲାକା ନ ପୁହୁଁଚିଛେ । ଆଏବା ୨ ଦିନ୍ ଭିତ୍‌ରେ ମୌସୁମୀ ରାଜ୍ୟର୍ ଅଲ୍‌ଗା ଜାଗା ମାନ୍‌କେ ପୁହୁଁଚିବାର୍ ସମ୍ଭାବନା ଅଛେ ।

ଆଏବା ୨୦ ତାରିଖ୍ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହାଲ୍କାନୁ ମଧମ୍ ଧରଣ୍ର ବର୍ଷାର୍ ସମ୍ଭାବନା ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ରାଜ୍ୟର୍ କେତେଟା ଜାଗା ନ କାଲ୍ବୈଶାଖୀର୍ ବଲେ ଚଡ଼କ୍ ମାରିକରି ବର୍ଷା ହେବାର୍ ସମ୍ଭାବନା ଅଛେ ।